# <u>ଖଣ୍ଡାଧାର ଉନ୍ନୟନ କମିଟି,କେନ୍ଦୁଝରଙ୍କ କାର୍ଯ୍ୟାଳୟ</u>

**ବିଜ୍ଞାପନ ସଂଖ୍ୟା-** ୫୪୮ **ତାରିଖ:** ୧୧.୧୨-୨୦୨୪

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଖଣ୍ଡାଧାର ଠାରେ ନିର୍ମାଣହୋଇଥିବା **ଯାନବାହାନ ଷ୍ଟାଣ୍ଡ ,ଶୌଚାଳୟ, Cafe (ଭୋଜନାଳୟ) ଏବଂ ଭୋଜି ନିମନ୍ତେ ଉଦ୍ଦିଷ୍ଟ ପିଣ୍ଡି** ଗୁଡିକୁ ନିମ୍ନଲିଖିତ ସର୍ତ୍ତାବଳି ମୁତାବକ ଆଗାମୀ ଏକ ବର୍ଷ ତା **<u>୨୨.୧୨.୨୦୨୪</u>** ଠାରୁ **<u>୨୧.୧୨.୨୦୨୫</u>** ରିଖ ପର୍ଯ୍ୟନ୍ତ ଚୁକ୍ତି/ ଠିକା ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଯାନବାହାନ ଷ୍ଟାଣ୍ଡ , ଶୌଚାଳୟ, Cafe (ଭୋଜନାଳୟ) ଏବଂ ଭୋଜି ପିଣ୍ଡି ପାଇଁ ଏକ କାଳୀନ ନିଲାମ କରାଯିବ । ଯାନବାହାନ ଷ୍ଟାଣ୍ଡ ,ଶୌଚାଳୟ, Cafe (ଭୋଜନାଳୟ) ଏବଂ ଭୋଜି ପିଣ୍ଡି ନିଲାମି ର ସର୍ବନିମ୍ନ ମୂଲ୍ୟ **୨,୫୦,୦୦୦ (ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ମାତ୍ର)** ଧାର୍ଯ୍ୟ କରାଯାଇଅଛି । ଏଣୁ ଯେଉଁ ବ୍ୟକ୍ତି ଏଥିନିମନ୍ତେ ଆବେଦନ କରିବାକୁ ଇଚ୍ଛୁକ ଅଟନ୍ତି ସେ ନିର୍ଦ୍ଧାରିତ ଫର୍ମ ରେ ନିଜର ଦରଖାସ୍ତ **<u>ବାଂଶପାଳ ବ୍ଲକ ଅଫିସ</u>** ରେ ଥିବା ଡ୍ରପ ବକ୍ସ (ବାକ୍ସ) ରେ ତା **<u>୧୨-୧୨-୨୦୨୪</u>** ରୁ **<u>୨୦-୧୨-୨୦୨୪</u>** ରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ **<u>୩:୦୦</u>** ଘଟିକା ମଧରେ ପକାଇ ପାରିବେ । ଆବେଦନ ଫର୍ମ ରେ ସମସ୍ତେ ନିଜର ଚୁକ୍ତି ମୂଲ୍ୟ ଦର୍ଶାଇଥିବେ ଏବଂ ସେହି ଅନୁସାରେ ସମସ୍ତ ଆବେଦନ ଫର୍ମ ତା **<u>୨୧-୧୨-୨୦୨୪</u>** ରିଖ ଅପରାହ୍ନ **<u>୩.୦୦</u>** ଘଟିକା ରେ ସର୍ବସାଧାରଣ ଙ୍କ ଉପସ୍ଥିତି ରେ ବ୍ଲକ ସଭାଗୃହଠାରେ ଖୋଲାଯିବ । ସର୍ବାଧିକ ମୂଲ୍ୟ ଦର୍ଶାଇଥିବା ଆବେଦନକାରୀଙ୍କୁ ନିମ୍ନ ସର୍ତ୍ତାବଳୀ ଅନୁସାରେ Tender ଚୁକ୍ତି/ଠିକା) ପ୍ରଦାନ କରାଯିବ ।

## <u>ଆବେଦନ ର ନିୟମ ଏବଂ ସର୍ତ୍ତାବଳୀ</u>

୧. ଆବେଦନକାରୀ ଜଉ ମୁଦ/sealed ଲଫାପା ରେ ଆବେଦନ ଫର୍ମ ମାଧମରେ ଆବେଦନ କରିବେ ।

୨. ଆବେଦନକାରୀ ତଳ କାଦକଳା ଗ୍ରାମପଞ୍ଚାୟତର / କେନ୍ଦୁଝର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

(କ) ତଳ କାଦକଳା ଗ୍ରାମପଞ୍ଚାୟତର ସ୍ଥାୟୀ ବାସିନ୍ଦାଙ୍କ ଆବେଦନ ପତ୍ରକୁ ଅଗ୍ରାଧିକାର ଦିଆଯିବ । ମାତ୍ର ତଳ କାଦକଳା ଗ୍ରାମପଞ୍ଚାୟତର ସ୍ଥାୟୀ ବାସିନ୍ଦା ଆବେଦନକାରୀ ଯଦି ଧାର୍ଯ୍ୟ ସରକାରୀ ସର୍ବନିମ୍ନ ମୂଲ୍ୟ ଠାରୁ କମ ମୂଲ୍ୟରେ ଆବେଦନ କରିଥିବେ ତାହା ଗ୍ରହଣ ଯୋଗ୍ୟ ହବ ନାହିଁ ।

୩. ଜଣେ ଆବେଦନ କାରୀ ଯାନବାହାନ ଷ୍ଟାଣ୍ଡ ,ଶୌଚାଳୟ, Cafe (ଭୋଜନାଳୟ) ଏବଂ ଭୋଜି ପିଣ୍ଡି ନିମନ୍ତେ ଆବେଦନ କରିବେ । ଯାନବାହାନ ଷ୍ଟାଣ୍ଡ ,ଶୌଚାଳୟ, Cafe (ଭୋଜନାଳୟ) ଏବଂ ଭୋଜି ପିଣ୍ଡି ପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟ - ୨,୫୦,୦୦୦ (ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ମାତ୍ର) ଅଛି ।

୪. ଧାର୍ଯ୍ୟ ସର୍ବନିମ୍ନ ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଥିବା ଆବେଦନ ଗ୍ରହଣ କରାଯିବ ନାହିଁ ।

୫. ସର୍ବ ସାଧାରଣଙ୍କ ପାଇଁ ଟିକଟ ର ମୂଲ୍ୟ ସର୍ବାଧିକ ମୂଲ୍ୟ ଠାରୁ ଅଧିକ ହୋଇପାରିବ ନାହିଁ ।

## <u>ସର୍ବାଧିକ ଧାର୍ଯ୍ୟ ମୂଲ୍ୟ</u>

ପ୍ରବେଶ ମୂଲ୍ୟ- ୧୦.୦୦ ଟଙ୍କା/ବ୍ୟକ୍ତି (୬ ବର୍ଷରୁ ଅଧିକ), ଭୋଜି ପିଣ୍ଡି- ୧୫୦.୦୦ ଟଙ୍କା/ପିଣ୍ଡି

## <u>ଯାନବାହାନ</u>

ସାଇକେଲ--୧୦.୦୦ଟଙ୍କା, ମୋଟରସାଇକେଲ- ୨୦.୦୦ଟଙ୍କା, ଅଟୋ- ୩୦.୦୦ଟଙ୍କା, କାର/ବ୍ୟକ୍ତିଗତ ଚାରିଚକିଆ- ୫୦.୦୦ ଟଙ୍କା, ବସ- ୧୦୦.୦୦ ଟଙ୍କା, ଅସ୍ଥାୟୀ ଛୋଟ ଉଠାଦୋକାନ- ୨୦.୦୦ଟଙ୍କା , ଅସ୍ଥାୟୀ ବଡ ଉଠାଦୋକାନ -୩୦.୦୦ ଟଙ୍କା (ଯାତ୍ରା ସମୟରେ)

୬. ନିଲାମ ଧାରୀ ସେଠାରେଥିବା ଶୌଚାଳୟ ର ମଧ ଦାୟିତ୍ଵ ନେବେ ଏବଂ ପ୍ରତି ବ୍ୟକ୍ତିଙ୍କ ଠାରୁ ୫.୦୦ ଟଙ୍କା ମାତ୍ର ଆଦାୟ କରି ଶୌଚାଳୟର ସଫା ସୁତରା ତଥା ରକ୍ଷଣାବେକ୍ଷଣ କରିବେ ।

୭.ନିଲାମଧାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମଧରେ କାର୍ଯ୍ୟାଦେଶ ଦେବା ପୂର୍ବରୁ ନିଲାମ ସମ୍ପର୍କିତ ଚୁକ୍ତି ସ୍ଵାକ୍ଷରିତ ହେବ ।

୮. ପ୍ରବେଶ ସମୟ ସକାଳ ୦୭.୦୦ ଘଟିକା ଠାରୁ ସନ୍ଧ୍ୟା ୦୫.୦୦ ଘଟିକା ହେବା ବାଞ୍ଛନୀୟ । ସନ୍ଧ୍ୟା ୦୬.୦୦ ଘଟିକା ପରେ ସ୍ଥାନଟି ବନ୍ଦ ରହିବ ।

୯. ପିଣ୍ଡି ଏବଂ ପରିବେଶ କୁ ସଫାସୁତୁରା ରଖିବା କାର୍ଯ୍ୟ ନୀଲାମଧାରୀ ନିଜେ ବହନ କରିବେ । ନିଲାମଧାରୀ ଖଣ୍ଡାଧାର ପର୍ଯ୍ୟଟନ ସ୍ଥଳୀର ପରିବେଶ କୁ କ୍ଷତି ପହଞ୍ଚାଇଲାଭଳି କୌଣସି କାର୍ଯ୍ୟ କରିବେ ନାହିଁ ଏବଂ ଏହାର ପରିବେଶ ଉପରେ ଯଥେଷ୍ଟ ଧ୍ୟାନ ଦେବେ । ପର୍ଯ୍ୟଟନ ସ୍ଥଳୀ ମଧରେ କୌଣସି ଅସାମାଜିକ କାର୍ଯ୍ୟ କଳାପ ଏବଂ ମଦ୍ୟପାନ ଭଳି କାର୍ଯ୍ୟକୁ ପ୍ରଶ୍ରୟ ଦେବେନାହିଁ ।

୧୦. ସମସ୍ତ ଦେୟ ଆଗୁଆ ପ୍ରଇଠ ହେବ ଏବଂ ନିଲାମି ନେଲା ପରେ ଏହାର ପରିଚାଳନା ନିମନ୍ତେ କୌଣସି ସମସ୍ୟା ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୧. ବିଶିଷ୍ଟ ବ୍ୟକ୍ତି ଯଥା MLA/MP/MINISTER/ ଜିଲ୍ଲାସ୍ତରୀୟ ଅଧିକାରୀ/ କାଦକଳା ଉନ୍ନୟନ କମିଟି ସଦସ୍ୟ/ସଦସ୍ୟା ମାନଙ୍କୁ ଯଥା ସମ୍ମାନ ଦେଇ ତାଙ୍କ ଶୁଳ୍କ ଛାଡ କରିବେ ।

୧୨. ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନର ସମସ୍ତ ନିୟମ ତଥା ସର୍ବୋପରି ଖଣ୍ଡାଧାର ଉନ୍ନୟନ କମିଟିର ନିଷ୍ପତି ଏବଂ ନିର୍ଦ୍ଦେଶକୁ ନିଲାମଧାରୀ ମାନିବାକୁ ବାଧ୍ୟ ।

୧୩. Cafe (ଭୋଜନାଳୟ) ଏବଂ ପିଣ୍ଡି ମାନଙ୍କର କୌଣସି ସ୍ଵଳ୍ପ ମରାମତି କାର୍ଯ୍ୟ ନିଲାମଧାରୀ ନିଜ ଖର୍ଚ୍ଚ ରେ କରିବେ । ଭଙ୍ଗାରୁଜା କିମ୍ବା ନୂତନ ନିର୍ମାଣ ପାଇଁ ନିଲାମଧାରୀ ଖଣ୍ଡାଧାର ଉନ୍ନୟନ କମିଟିର ଅନୁମତି ନେବା ଆବଶ୍ୟକ।

୧୪. କୌଣସି ଆଇନ ଉଲ୍ଲଂଘନ ହେଲେ ଏହା ଉପଜିଲ୍ଲାପାଳ, କେନ୍ଦୁଝର ଙ୍କ କାର୍ଯ୍ୟାଳୟରେ ଶୁଣାଣି ହେବ ।

୧୫. କୌଣସି କାରଣ ନ ଦର୍ଶାଇ ଏହି ନିୟମ ଏବଂ ସର୍ତ୍ତାବଳି ପରିବର୍ତ୍ତନ ତଥା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ଵାକ୍ଷରକାରୀ ଏବଂ ଉପଜିଲ୍ଲାପାଳ, କେନ୍ଦୁଝରଙ୍କ ରହିଅଛି ।

୧୧.୧୨.୨୪

**ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ବାଂଶପାଳ**

**ଜ୍ଞାପକ ସଂଖ୍ୟା:** ୫୪୮୧ **ତାରିଖ:** ୧୧.୧୨.୨୦୨୪

ଏହାର ଏକାକିତା ନକଲ ସରପଞ୍ଚ/ ପଞ୍ଚାୟତ ନିର୍ବାହୀ ଅଧିକାରୀ, କାଦକଳାଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେ ସମସ୍ତ ରାଜସ୍ଵ ଗ୍ରାମର ସୁସ୍ପଷ୍ଟ ସ୍ଥାନରେ ଏହି ବିଜ୍ଞାପନଟି ପ୍ରକାଶନ କାରିବାକୁ ଅନୁରୋଧ କରାଗଲା ।

୧୧.୧୨.୨୪

**ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ବାଂଶପାଳ**

**ଜ୍ଞାପକ ସଂଖ୍ୟା:** ୫୪୮୨ **ତାରିଖ:** ୧୧.୧୨.୨୦୨୪

ଏହାର ଏକାକିତା ନକଲ ସମସ୍ତ ସରପଞ୍ଚ/ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବାଂଶପାଳ ପଞ୍ଚାୟତ ସମିତିଙ୍କ ଅବଗତି ତଥା ଏହି ବିଜ୍ଞାପନଟିକୁ ସମସ୍ତ ଗ୍ରାମ ପଞ୍ଚାୟତରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୧.୧୨.୨୪

**ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ବାଂଶପାଳ**

**ଜ୍ଞାପକ ସଂଖ୍ୟା:** ୫୪୮୩ **ତାରିଖ:** ୧୧.୧୨.୨୦୨୪

ଏହାର ଏକାକିତା DeGM, କେନ୍ଦୁଝର ଙ୍କ ସଦୟ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେ ଏହାକୁ କେନ୍ଦୁଝର ସରକାରୀ ୱେବସାଇଟ ରେ ପ୍ରକାଶନ କରିବାକୁ ଅନୁରୋଧ କରାଗଲା ।

୧୧.୧୨.୨୪

**ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ବାଂଶପାଳ**

**ଜ୍ଞାପକ ସଂଖ୍ୟା:** ୫୪୮୪ **ତାରିଖ:** ୧୧.୧୨.୨୦୨୪

ଏହାର ଏକାକିତା ନକଲ ଜିଲ୍ଲା ପର୍ଯ୍ୟଟକ ଅଧିକାରୀ, କେନ୍ଦୁଝର ଏବଂ ଉପ ଜିଲ୍ଲାପାଳ ତଥା ଅଧକ୍ଷ ଖଣ୍ଡାଧାର ଉନ୍ନୟନ ସମିତି , କେନ୍ଦୁଝର ଙ୍କ ସଦୟ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୧.୧୨.୨୪

**ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ବାଂଶପାଳ**

# ଖଣ୍ଡାଧାର ରେ ନିର୍ମାଣହୋଇଥିବା ଯାନବାହାନ ଷ୍ଟାଣ୍ଡ ,ଶୌଚାଳୟ, Cafe (ଭୋଜନାଳୟ) ଏବଂ ଭୋଜି ନିମନ୍ତେ ଉଦ୍ଦିଷ୍ଟ ପିଣ୍ଡି ଗୁଡିକ ନିଲାମ ପାଇଁ ଆବେଦନ ଫର୍ଦ୍ଦ

| | |
|---|---|
| ୧. ନାମ- | |
| ୨. ବାପାଙ୍କ ନାମ- | |
| ୩. ଗ୍ରାମର ନାମ- | |
| ୪. ଗ୍ରାମ ପଞ୍ଚାୟତର ନାମ- | |
| ୫. ଆଧାର ସଂଖ୍ୟା- | |
| ୬. PAN ସଂଖ୍ୟା- | |
| ୭. GST ସଂଖ୍ୟା- | |
| ୮. Tender ମୂଲ୍ୟ- | |

ସ୍ୱାକ୍ଷର

**ଘୋଷଣାନାମା**

**ଏତଦ ଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ଉପରୋକ୍ତ ସମସ୍ତ ତଥ୍ୟ ମୋ ଜ୍ଞାତ ସାରରେ ସତ୍ୟ ଅଟେ । ଏହା ଅସତ୍ୟ ବୋଲି ଜଣା ପଡିଲେ ଆଇନ ଅନୁସାରେ ମୁଁ ନିଲାମ ପ୍ରକ୍ରିୟାରୁ କ୍ଷାନ୍ତ ହେବି ।**

ସ୍ୱାକ୍ଷର

**ବି.ଦ୍ର.- ଫୋଟ, ଆଧାର କାର୍ଡ , PAN, GST ପଞ୍ଜୀକରଣ କାଗଜାଦର ନକଲ ଫର୍ମ ସହିତ ସଂଲଗ୍ନ କାରିବାକୁ ଅନୁରୋଧ ।**